ପାଠ-୧୬

# ନଈବଢ଼ି



# ଅଭ୍ୟାସ

୧. ଆସ କହିବା ।

(କ) ପାଠର ଛବିରେ କ'ଣ ସବୁ ଦେଖୁଛ ?

(ଖ) ଛବିରେ କେଉଁ କେଉଁ ପଶୁମାନଙ୍କୁ ଦେଖୁଛ ?

(ଗ) ଛବିରେ କେଉଁ କେଉଁ ପକ୍ଷୀମାନେ ଅଛନ୍ତି ?

(ଘ) ଡଙ୍ଗାରେ କ'ଣ କରାଯାଉଛି ?

(ଙ) ଲୋକମାନେ କେଉଁଠାରେ ଆଶ୍ରୟ ନେଇଛନ୍ତି ?

୨. ତଳେ ଦିଆଯାଇଥିବା ପଶୁମାନଙ୍କ ଭିତରୁ କେଉଁମାନେ ଘରେ ଓ କେଉଁମାନେ ବଣରେ ରହନ୍ତି, ଗାର ଦେଇ ଯୋଡ଼ିବା ।













୩. ତଳେଥିବା ପଶୁମାନଙ୍କ ଭିତରୁ କେଉଁମାନେ ଡିଆଁଡେଇଁ କରନ୍ତି ଓ କେଉଁମାନେ ଡିଆଁଡେଇଁ କରି ପାରନ୍ତି ନାହିଁ ଲେଖିବା ।

| ଡିଆଁଡେଇଁ କରନ୍ତି | ଡିଆଁଡେଇଁ କରିପାରନ୍ତି ନାହିଁ |
|---|---|
| | |
| | |
| | |



୪. ପକ୍ଷୀମାନେ କ'ଣ କ'ଣ ଖାଆନ୍ତି ?

୫. * ନଈବଢ଼ି ଛବିରେ ... ାସୁଛି କହ।

* ତୁମ ଘରେ କ'ଣ ... ।

* ତୁମ ଘରେ ଥିବା ... ହେଲେ କେଉଁ
କେଉଁ ଗୁଡ଼ିକ ଭାସିବ ...

* ତଳେ ଦିଆଯାଇଥିବା ... ଉଁଥିରୁ ତିଆରି କହ।



* ତଳେ ଥିବା ଜିନିଷଗୁଡ଼ିକ ଭିତରୁ ଯାହା କଇଁଚିରେ କଟାଯାଏ ତାକୁ ◯ ଏବଂ ଯାହା ଛୁରୀରେ କଟାଯାଏ ତାକୁ ☐ ମଧ୍ୟରେ ରଖିବା ।



୬. ଆସ ପଢ଼ିବା ।

ନଈ ଆଈ ଗାଈ ମାଈ ଈଷ ଧାଈ

୭. ଯେଉଁ ଶବ୍ଦରେ 'ଈ' ଅଛି ତାକୁ ଗୋଲ ବୁଲାଇବା ।

ଇଟା ଖଟା ଈଷ ଆଈ ନଈ ରାଇ

ମାଈ ଛାଇ ଖଇ କାଇ ଧାଈ ନାଇ

୮. କ) ପାଠର ଛବିରେ ଲୋକମାନେ କାହିଁକି ଚାଳ ଉପରେ ବସିଛନ୍ତି କହ ।

ଖ) ପାଠରେ ଥିବା ଛବିରେ କେଉଁ ଜାଗାଗୁଡ଼ିକ ଉଚ୍ଚା ଓ କେଉଁଗୁଡ଼ିକ ଖାଲୁଆ ?

ଗ) ତଳେ ଦିଆଯାଇଥିବା ଛବିଗୁଡ଼ିକ ଭିତରୁ କେଉଁଗୁଡ଼ିକ ଉଚ୍ଚା ଜାଗା ଓ କେଉଁଗୁଡ଼ିକ ଖାଲୁଆ ଜାଗା ?











ଘ) ତମ ଘର ପାଖରେ କେଉଁଗୁଡ଼ିକ ଉଚ୍ଚା ଓ କେଉଁଗୁଡ଼ିକ ଖାଲୁଆ ଜାଗା କହ ।

୯. ପାଠରେ ଥିବା ଛବିରୁ ଯେଉଁ ଛବିଟି ତୁମକୁ ଭଲ ଲାଗୁଛି ତାହା ଅଙ୍କନ କରିବା ।

# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଶିକ୍ଷକ ଚିତ୍ର ପଠନ କରାଇବେ। ଚିତ୍ର ଉପରେ ଆଲୋଚନା କଲାବେଳେ ଏହା କେଉଁ ସମୟର ଛବି, କ'ଣ ସବୁ ଦେଖୁଛ, କେଉଁମାନେ ନଈବଢ଼ିରେ ଭାସିଯାଉଛନ୍ତି, ଲୋକମାନେ କେଉଁଠି ବସିଛନ୍ତି, ତାଙ୍କୁ କିପରି ଉଦ୍ଧାର କରାଯାଉଛି ଇତ୍ୟାଦି ଉପରେ ଆଲୋଚନା କରାଇବା ଆବଶ୍ୟକ ଏବଂ ନଈବଢ଼ି ପରି ଆଉ କେଉଁ ପ୍ରକାର ପରିସ୍ଥିତିରେ ଲୋକେ ଅସୁବିଧା ଭୋଗନ୍ତି ଆଲୋଚନା କରାଯିବ।
- ଚିତ୍ର ପଠନ ସମୟରେ ନିଜ ଘର, ଆଖପାଖ ଅଞ୍ଚଳର ବସ୍ତୁ, ଘରର ଆସବାବ ପତ୍ର ଇତ୍ୟାଦି ବିଷୟରେ ଆଲୋଚନା କରାଯିବ।
- ଅଭ୍ୟାସ କାର୍ଯ୍ୟ ୨ରେ ଅଧିକ ପଶୁମାନଙ୍କ ବିଷୟରେ ତଥା ସେମାନେ ଘରେ ବା ବଣରେ ରହନ୍ତି ସେ ବିଷୟରେ ଆଲୋଚନା କରିବେ।
- ଅଭ୍ୟାସ କାର୍ଯ୍ୟ ୪ରେ ପକ୍ଷୀମାନେ କ'ଣ ଖାଆନ୍ତି ଆଲୋଚନାବେଳେ ନିଜ ଅଞ୍ଚଳରେ ଦେଖାଯାଉଥିବା ପକ୍ଷୀର ଖାଦ୍ୟ ଉପରେ ଆଲୋଚନା କରାଯିବ।
- ଅଭ୍ୟାସ କାର୍ଯ୍ୟ ୫ର ୩ନଂ ପ୍ରଶ୍ନ ପାଇଁ ଯେତିକି ଜିନିଷ ଦିଆଯାଇଛି ତା'ଠାରୁ ଅଧିକା ଆଲୋଚନା କରାଯିବ।
- ଅଭ୍ୟାସ କାର୍ଯ୍ୟ ୮ 'ଗ'ର ଆଲୋଚନା ବେଳେ ସ୍ଥାନୀୟ ଭୂମିରୂପ ଉପରେ ଆଲୋଚନା କରାଯିବ।
- ଏହି ପାଠ ପାଇଁ ଅନ୍ୟୂନ ୧୪ଟି ପିରିଅଡ଼ ରହିଛି। ଏହି ପାଠରେ ଈ ର ପଠନ ଓ ଲିଖନ, ସ୍ଥାନୀୟ ଭୂମିରୂପ, ଘରର ଆସବାବ ପତ୍ର ଉପରେ ଆଲୋଚନା, ଚିତ୍ର ଅଙ୍କନ, କେଉଁ ଜିନିଷ କେଉଁଥିରେ କଟାଯିବ ଇତ୍ୟାଦି ଦକ୍ଷତାର ବିକାଶ ହେବା ଆବଶ୍ୟକ।